# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ ଡିସେମ୍ବର, ୨୦୧୮





କଳିକା ୪-୫








ତୁମ ତୂଳୀରୁ ୭


## ସ୍ୱାଗତ ୨୦୧୯


୩



ନୂଆବର୍ଷ କେଉଁଠି କେମିତି ୮




## ମତାମତ

**ପି**ଲାଙ୍କ ଧରିତ୍ରୀ
୮ ପୃଷ୍ଠା ସତ ମାତ୍ର
ପ୍ରତିପୃଷ୍ଠା ଅଟେ ଅତି ଶିକ୍ଷଣୀୟ
ଶିଶୁ ସାହିତ୍ୟର ମନ୍ତ୍ର
ସାନ୍ତା ପାଳିଲା ବଡଦିନ ପର୍ବ
ଖ୍ରୀଷ୍ଟମାସର ରେକର୍ଡ
ତୁମରି ଚିତ୍ରରେ ୯ଟି ଚିତ୍ରରେ
ରହିଛି ପ୍ରତିଭା ସୁନ୍ଦର ।
କବିତା ବିଭାଗ ଜଣା ଓ ଅଜଣା
ଆଇନାର ଛବି ମହକ
ସତେ ଏ ଓଡିଆ କେତେ ଯେ ପ୍ରଖର
ବାଣ୍ଟୁଚି କଳାର ଆଲୋକ
ଆଜି ନୁହେଁ କାଲି ଏଇ ଶିଶୁ ଦିନେ
ଛୋଟରୁ ହୋଇବ ବିରାଟ
ପିଲାଙ୍କ ଧରିତ୍ରୀ ଚମକାଇଦେବ
ସାରା ଜଗତକୁ ବରିଷ୍ଠ ।
ଓଡିଆ ଭାଷାର ଅତୁଟ ଗରିମା
ପ୍ରକଟ ହୋଇବ ଯାହାକୁ ଯିଏ
ସ୍ୱଚ୍ଛ ଓଡିଶାର ଜୟ ଜଗନ୍ନାଥ
ଦୁନିଆଁରେ କହ ରହିଛି କିଏ ।

– ରବୀନ୍ଦ୍ର ପ୍ରସାଦ ଚାନ୍ଦ, ଆନନ୍ଦପୁର



## ଗପ

# ପକ୍ଷୀ ଶିକାରୀ ସାବଧାନ

**ଶୀ**ତ ଋତୁ ଆସିଗଲା । ଚିଲିକା ଏବେ ଜାତି ଜାତିକା ଦେଶୀ ବିଦେଶୀ ପକ୍ଷୀରେ ଭର୍ତ୍ତି । ଚିଲିକା ମଝିରେ ଥିବା ପକ୍ଷୀ ଅଭୟାରଣ୍ୟ ନଳବଣରେ ଏବର୍ଷ ପାଣି ଛିଡ଼ି ନ ଥିବାରୁ ପକ୍ଷୀସବୁ ମୁହାଁଇଛନ୍ତି ସେମାନଙ୍କର ଆଧାର ଓ ବାସ ପାଇଁ ସୋରଣ, ଭୂଷଣ୍ଡପୁର, ମଙ୍ଗଳାଯୋଡି ଆଡ଼େ । ସେଠି ଜାତିଜାତିକା ପୋକଜୋକ ମିଳିବେ । ଜଳ ଆଉ କଇଁନାଡ଼ ମିଳିବ । ଅଣ୍ଡାଦେବାକୁ ବି ଭଲଜାଗା ମିଳିବ । ସେପାଳ ଓ ନଳଘାସ ଆଢୁଆଳରେ ଅଣ୍ଡାଗୁଡ଼ିକ ବସା ଭିତରେ ସୁରକ୍ଷିତ ହୋଇ ରହିପାରିବେ ।

ମା'ଏରାପକ୍ଷୀ, ବାପା ଏରାପକ୍ଷୀକୁ କହିଲା: ଚାଲ, ଆମେ ବି ସେଇ ମଙ୍ଗଳାଯୋଡ଼ି ଅଞ୍ଚଳକୁ ଚାଲିଯିବା । ଆମ ସାଙ୍ଗରେ ଆସିଥିବା ଚଟୁଆଗେଣ୍ଡି, ମାଟିଆଗେଣ୍ଡି, ଚନ୍ଦନା ହଂସ, ଚାମଚଦାଢ଼, କୁରାର, ଦଦରାହଣା ଦଳ ବି ସବୁ ସେଠାକୁ ଚାଲିଗଲେଣି । ବାପା ଓ ମା' ଏରା ମଙ୍ଗଳାଯୋଡ଼ି ଇଲାକାକୁ ଗଲେ । ମନପସନ୍ଦର ଜାଗା ଓ ଖାଦ୍ୟ ପାଇଗଲେ । ମା' ଏରାକୁ ବାପା ଏରା ବୁଝାଇଲା । ବୁଝିଲୁ ସୋରଣ, ନଈରୀ ଆଉ ବାଲୁଗାଁ ପଟେ ଶିକାରୀମାନେ ଆମକୁ ଧରିବାକୁ ଜାଲ ଓ ଫାଶ ବସେଇଛନ୍ତି । ତୁ ସେମାନଙ୍କ ଜାଲରେ ଜମା ପଡ଼ିବୁ ନାହିଁ । ପୁଣି ଦେଶୀ ବନ୍ଧୁକରେ ଛେର୍‌ରା ପକାଇ ଗେଣ୍ଡି, ହଂସ ସହ ଆମ ଜାତିଭାଇଙ୍କୁ ମାରି ତାଙ୍କ ମାଂସ ଖାଇବାକୁ ଜିଭ ଲହ ଲହ କରୁଛନ୍ତି । ମା'ଏରା କହିଲା: ମଲା, ମୁଁ କ'ଣ ଅନ୍ଧ ନା କାଲ ହେଇଛି ? ମତେ ସବୁ ଦିଶୁଛି ଆଉ ଶୁଭୁଛି । ଶିକାରୀ ଆସିଲେ ମୁଁ ତାକୁ ଦେଖିପାରିବି ଆଉ ତା' ଶବ୍ଦ ବି ଶୁଣିପାରିବି । ବାପା ଏରା କହିଲା: ଆହୁରି ବିପଦ ଅଛି । ବୁଝିଲୁ, ଯୋଉ କଇଁନାଡ଼କୁ ତୁ ବେଶି ଭଲ ପାଉ ସେଇଥିରେ ପରା ପୋକମରା ବିଷ ଗୋଳେଇ ଆମେ ଖାଇବା ବୋଲି ଚିଲିକାରେ ପକାଉଛନ୍ତି ? ତତେ ସେ ପାଇଁ ମଧ୍ୟ ସାବଧାନ କରାଇ ଦେଉଛି । ମା' ଏରା କହିଲା, ହଁ ମ ! ମୁଁ ପୂରା ସତର୍କ ଅଛି । ମୁଁ ଏ ଶିକାରୀମାନଙ୍କ ପାଲରେ ଜମା ପଡ଼ିବିନି । ତୁ ମତେ ଛାଡ଼ି କୁଆଡ଼େ ଯିବୁ ନାହିଁ ତ ? ବାପା ଏରା କହିଲା: ନା ନା... ହାଡ଼ଭଙ୍ଗା ଶୀତର ଦାଉରୁ ରକ୍ଷା ପାଇବା ଲାଗି ଏଠି ଆମେ ଯେଉଁ ବସା ଗଢ଼ିବା ସେଇ ହେବ ଆମର ସ୍ୱର୍ଗ । ତତେ ଛାଡ଼ି ମୁଁ ଯିବି କୁଆଡ଼େ ? ଆମର କୁନି କୁନି ଛୁଆମାନେ ଏଯାଏଁ ଦୁନିଆର ଆଲୋକ ବି ଦେଖିନାହାନ୍ତି । ଏଇ ସମୟରେ ପାଖ ଗାଁରେ ଡାକବାଜି ଯନ୍ତ୍ରରେ କ'ଣ ଗୋଟାଏ ମଣିଷଙ୍କ ପ୍ରଚାର ଶୁଭିଲା । ମା' ଏରା ବାପା ଏରା ଛାତିରେ ଥଣ୍ଟ ଗୁଞ୍ଜି ଦେଇ ଜାକିଜୁକି ହୋଇ କହିଲା: ହେଇ, ସେମାନେ ଆସିଲେଣି । ମତେ ଭାରି ଡର ମାଡୁଛି । ବାପା ଏରା ବୁଝାଇଲା: ବୁଝିଲୁ! ଏ ପରା ପକ୍ଷୀ ସୁରକ୍ଷା ଦଳଙ୍କର ସଚେତନତା ପଟୁଆର । ସେମାନେ ଆମକୁ ସୁରକ୍ଷା ଦେବା ପାଇଁ ଜନସଚେତନତା ସୃଷ୍ଟି କରୁଛନ୍ତି । ଓଡ଼ିଶା ସରକାରଙ୍କ ବନ୍ୟପ୍ରାଣୀ ବିଭାଗ ପୂରା ସଜାଗ ହୋଇଯାଇଛି । ମା' ଏରା ପିଣ୍ଡରେ ପ୍ରାଣ ପଶିଲା । ଦୁହେଁ ଆନନ୍ଦରେ ଆଧାର ଖୋଜିବାକୁ ଭିତର ଚିଲିକା ଆଡକୁ ଉଡ଼ିଗଲେ ।

– ଭିକାରୀ ଚରଣ ପ୍ରଧାନ
କନ୍ହେଇପୁର, ଖୋର୍ଦ୍ଧା


## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**

dharitrifeature@gmail.com

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

(ବାପା ପୁଅ ମଧ୍ୟରେ କଥାବାର୍ତ୍ତା)
ନନ୍ଦୁ: ବାପା ମୋତେ ଡିଜେ କିଣି ଦିଅ ।
ବାପା: ନା ଦେବିନି, ତୁ ଲୋକଙ୍କୁ ହଇରାଣ କରିବୁ ।
ନନ୍ଦୁ: ନା, ବାପା, ମୁଁ କାହାକୁ ହଇରାଣ କରିବିନି, ଯେତେବେଳେ ସମସ୍ତେ ଶୋଇଯିବେ ସେତେବେଳେ ବଜାଇବି ।

ଶିକ୍ଷକ: ପୃଥିବୀ ଭିତରେ ଯଦି ଲାଭା ଅଛି ତେବେ ବାହାରେ କ'ଣ ଅଛି ?
ସଞ୍ଜୁ: ସାର୍, ବାହାରେ ଓପୋ ଆଉ ଭିଭୋ ଅଛି ।

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ କହିଲେ: ଆରେ ପିଲାମାନେ, ତୁମେମାନେ ଚଢ଼େଇମାନଙ୍କ ବିଷୟରେ ଅଳ୍ପ ବହୁତ ନିଶ୍ଚୟ ଜାଣିଥିବ ।
ରାଜୁ: ହଁ ।
ଶିକ୍ଷକ: ଆଚ୍ଛା, କହିଲ କେଉଁ ଚଢ଼େଇ ଉଡିପାରେ ନାହିଁ ?
ରାଜୁ: ସାର୍, ମରିଯାଇଥିବା ଚଢ଼େଇ ପ୍ରକୃତରେ ଉଡିପାରେନି ।

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ସ୍ୱାଗତ ୨୦୧୯







**ନୂତନ ଆଶା ଆଉ ନୂଆ ଉଦ୍ଦୀପନା ସହ ଆସୁଛି ନୂଆବର୍ଷ ୨୦୧୯। ଏହି ଅବସରକୁ ଛାତ୍ରୀଛାତ୍ରମାନେ କିଭଳି ଭାବରେ ପାଳନ କରିବା ଲାଗି ଯୋଜନା କରିଛନ୍ତି ସେ ସମ୍ପର୍କରେ....**

➤ **ପୁରୀ–କୋଣାର୍କ ବୁଲିଯିବା ପାଇଁ ଯୋଜନା କରିଛି:** ନୂଆ ବର୍ଷରେ କିଛି ନୂଆ ଏବଂ ଭଲ କାମ କରିବା ଲାଗି ସଂକଳ୍ପ ନେଇଛି। ଏହି ନୂତନ ବର୍ଷ ସମସ୍ତଙ୍କ ଜୀବନରେ ନୂଆ ଆଶା ଓ ଭରସା ସଞ୍ଚାର କରୁ। ନୂଆବର୍ଷ ଦିନ ଆମ ପରିବାର ସଦସ୍ୟଙ୍କ ସହିତ ପୁରୀ ଏବଂ କୋଣାର୍କ ବୁଲିଯିବା ପାଇଁ ଯୋଜନା କରିଛି। ଏହା ବ୍ୟତୀତ ଘଟଗାଁ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଣ୍ଡିଚା ଘାଇ ବୁଲିଯିବା ଲାଗି ମଧ୍ୟ ଚିନ୍ତା କରିଛି।

– ହର୍ଷିତା ଖଟୁଆ, କ୍ଲାସ–୭, ସେଣ୍ଟ ଜାଭିୟର ହାଇସ୍କୁଲ, ଯାଜପୁର ରୋଡ, ଯାଜପୁର

➤ **ନୂଆ ବର୍ଷରେ ବଣଭୋଜିର ଆୟୋଜନ କରୁଛୁ:** ନୂଆ ବର୍ଷରେ ମା' ତାରିଣୀଙ୍କ ପାଖେ ଏତିକି କାମନା କରୁଛି ଯେ ମୋର ନୃତ୍ୟ ପ୍ରତିଭାର ଉତ୍ତରୋତ୍ତର ଉନ୍ନତି ହେଉ। ମୁଁ ଏମିତି ମଞ୍ଚରେ ଓଡିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହୁଥିବି। ନୂଆବର୍ଷ ଦିନ ପରିବାର ଓ ସାଙ୍ଗସାଥୀ ମିଶି ଆନନ୍ଦପୁର ନିକଟରେ ଏକ ବଣଭୋଜିର ଆୟୋଜନ କରୁଛୁ।

*– ପ୍ରୀତିପ୍ରତ୍ୟୁଷା ମଲ୍ଲିକ, କ୍ଲାସ–୨, ସେଣ୍ଟମେରୀ ସ୍କୁଲ, ଆନନ୍ଦପୁର, କେନ୍ଦୁଝର*

➤ **ନୂଆ ବର୍ଷରେ ମୁଁ ଗଛ ଲଗାଇବି:** ସବୁବର୍ଷ ପରି ନୂଆବର୍ଷ ଆସେ, ପୁଣି ଚାଲିଯାଏ। ଏ ନୂଆବର୍ଷରେ ମୁଁ ଶପଥ ନେବି ଜୀବନରେ ଯେତେ ବାଧା ବିଘ୍ନ ଆସୁ ନା କାହିଁକି ତାକୁ ଧୈର୍ଯ୍ୟର ସହ ସାମ୍ନା କରିବି। ଏହି ନୂଆ ବର୍ଷଠାରୁ କାଲିର କାର୍ଯ୍ୟ ଆଜି କରିବି, ଦୁଃଖୀରଙ୍କିଙ୍କୁ ଯଥାସମ୍ଭବ ମୋର ପକେଟମନିରୁ ସାହାଯ୍ୟ କରିବି। ଏଥିସହ ଗଛ ମଧ୍ୟ ଲଗାଇବି। କାରଣ ଗଛ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ।

*– ଅର୍ମାନ୍ ଦାଶ, କ୍ଲାସ –୯, ସ୍ୱାମୀ ବିବେକାନନ୍ଦ ସ୍କୁଲ, ଭବାନୀପାଟଣା*

➤ **ଜାତୀୟ ଉଦ୍ୟାନ ବୁଲିବି:** ଏଥର ନୂଆବର୍ଷରେ ସାଙ୍ଗସାଥୀଙ୍କ ସହ ଭିତରକନିକା ଜାତୀୟ ଉଦ୍ୟାନ ବୁଲିବାକୁ ଯିବି। ସେଠାକୁ ଆସୁଥିବା ଦେଶ ବିଦେଶର ରଙ୍ଗବେରଙ୍ଗର ନୂଆ ନୂଆ ପକ୍ଷୀଙ୍କୁ ଦେଖିବା ସହ ସ୍ଥାନୀୟ ପକ୍ଷୀମାନେ କିପରି ସେମାନଙ୍କ ସହ ବନ୍ଧୁତା କରୁଛନ୍ତି ଦେଖିବି। ନାନାଜାତିର ପଶୁପକ୍ଷୀ ତଥା ସରୀସୃପଙ୍କ ବିଷୟରେ କିଛି ଜାଣିବାକୁ ସ୍ଥିର କରିଛି।

– ଆକାଂକ୍ଷା ମହାପାତ୍ର, କ୍ଲାସ –୭, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, ରାଜନଗର, କେନ୍ଦ୍ରାପଡା

➤ **ପ୍ୟାରେଣ୍ଟସ୍ ପିକ୍‌ନିକ୍‌ରେ ଭାଗ ନେବି:** ନୂଆବର୍ଷରେ ପ୍ୟାରେଣ୍ଟସ୍ ପିକ୍‌ନିକ୍‌ରେ ଭାଗ ନେବି। ଆଗକୁ ବାର୍ଷିକ ପରୀକ୍ଷା। ଏଣୁ ବେଶି ସମୟ ନଷ୍ଟ ନ କରି ପଢ଼ାରେ ମନଦେବି।

*–ସାଧବୀ ଶ୍ରୀଚନ୍ଦନ, କ୍ଲାସ–୫, ସେଣ୍ଟ ଜାଭିୟର ହାଇସ୍କୁଲ୍, ସାମନ୍ତରାପୁର, ଭୁବନେଶ୍ୱର*

➤ **ସାଙ୍ଗମାନଙ୍କ ସହ ମିଶି ଭୋଜି କରିବୁ :** ନୂଆବର୍ଷ ଦିନ ସାଙ୍ଗମାନେ ଏକାଠି ହୋଇ ଭୋଜି କରିବୁ। ସତକଥା ବୁଲାବୁଲି ସହ ସାଙ୍ଗମାନଙ୍କ ସହ ଭୋଜି ଖାଇବାର ମଜା ଟିକେ ନିଆରା।

*–ଶାଶ୍ୱତୀ ରାଜଗୁରୁ, କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାସୁଦେବ ନଗର, ବ୍ରହ୍ମପୁର*

➤ **ଜଗନ୍ନାଥଙ୍କୁ ଦର୍ଶନ କରିବୁ :** ଏଥର ନୂଆବର୍ଷରେ ବାବା, ମାମାଙ୍କ ସହ ପୁରୀ ବୁଲିଯିବାର ପ୍ଲାନିଂ ଅଛି। ପୁରୀରେ ଜଗନ୍ନାଥଙ୍କୁ ଦର୍ଶନ କରିବୁ। ତା'ପରେ ସମୁଦ୍ରକୂଳରେ କିଛି ସମୟ ବସି ଏହାର ମଜା ନେବୁ ବୋଲି ଯୋଜନା ରଖିଛୁ।

–ଅନ୍ୱେଷ ମହାନ୍ତି, କ୍ଲାସ–୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱର

➤ **ସାଙ୍ଗମାନଙ୍କୁ ନବବର୍ଷର ଶୁଭେଚ୍ଛା ଦେବି :** ୨୦୧୯ ଇଂରାଜୀ ନବବର୍ଷ ମୁଁ ମୋର ସାଙ୍ଗମାନଙ୍କ ସହିତ ପାଳନ କରିବି। ସବୁ ସାଙ୍ଗମାନଙ୍କୁ ନବବର୍ଷର ଶୁଭେଚ୍ଛା ଦେବା ସହିତ ଆମେ ଏକ ଭୋଜିର ଆୟୋଜନ କରିଛୁ। ଏହି ଦିନରେ ଆମେ ମିଳିମିଶି ରହିଲେ ବର୍ଷସାରା ଏକାଠି ରହିବାର ସୁଯୋଗ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ସାଙ୍ଗମାନଙ୍କ ସହିତ ମୁଁ ଏହି ଦିନଟିକୁ ପାଳନ କରିବି ବୋଲି ଭାବିଛି।

*–ଇପ୍ସିତା ଭଦ୍ର, କ୍ଲାସ–୭, ସରସ୍ୱତୀ ବିଦ୍ୟାମନ୍ଦିର, ଆରୁହା, ଯାଜପୁର*

➤ **ଗୁରୁଜନଙ୍କ ଆଶୀର୍ବାଦ ନେବି:** ନୂତନ ବର୍ଷ ହେଉଛି ଆନନ୍ଦ ଓ ଉଲ୍ଲାସର ଦିନ। ମୁଁ ଏହିଦିନ ସାଙ୍ଗସାଥୀଙ୍କ ସହ ଖୁସି ମନାଇବି। ସକାଳୁ ଉଠି ବାପାମାଆ ତଥା ଗୁରୁଜନଙ୍କୁ ପ୍ରଣାମ କରି ଦିନଟି ଆରମ୍ଭ କରିବି। ଭଗବାନଙ୍କ ପାଖରେ ସଂସାରର ଶୁଭ ମନାସିବି। ଘର ପାଖରେ ଥିବା ପଡିଆରେ ସାଙ୍ଗସାଥୀଙ୍କ ସହ ମିଶି ଗଛ ଲଗାଇବି।

*– ଆୟୁଷୀ ତ୍ରିପାଠୀ, କ୍ଲାସ –୭, ସ୍ୱାମୀ ବିବେକାନନ୍ଦ ସ୍କୁଲ, ଭବାନୀପାଟଣା*




ହର୍ଷିତା


ପ୍ରୀତିପ୍ରତ୍ୟୁଷା


ଆକାଂକ୍ଷା


ଅର୍ମାନ


ସାଧବୀ


ଶାଶ୍ୱତୀ


ଅନ୍ୱେଷ


ଇପ୍ସିତା


ଆୟୁଷୀ








# ଦୀପିକା

**୨୦୧୮କୁ ବିଦାୟ ଦେଇ ପାଦ ଥାପିବ ବର୍ଷ ୨୦୧୯। ଏହି ଅବସରରେ ଚଳିତବର୍ଷ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା କୁନି କୁନି ପ୍ରତିଭାମାନଙ୍କ ସମ୍ପର୍କରେ...**

## ଏ ବର୍ଷର ଆଇକନ

⁕ **ଶାଶ୍ୱତ ବଳ:** ସ୍କୁଲ ଏବଂ ଜିଲାସ୍ତରୀୟ ଟେବୁଲ ଟେନିସ ପ୍ରତିଯୋଗିତାରେ ସଫଳତା ପାଇବା ପରେ ରାଜ୍ୟସ୍ତରୀୟ ଟେବୁଲ ଟେନିସ ପ୍ରତିଯୋଗିତାରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି ଭୁବନେଶ୍ୱରର ଶାଶ୍ୱତ ବଳ। ଟେବୁଲ ଟେନିସ ବ୍ୟତୀତ ସେ ଫୁଟବଲ, ଚେସ ଖେଳିବାକୁ ମଧ୍ୟ ପସନ୍ଦ କରିଥାଆନ୍ତି। ଦୀର୍ଘ ୯ବର୍ଷ ହେବ ସେ ଏହି ଖେଳ ସହ ଜଡିତ। ଏହି ଖେଳ ବିଷୟରେ ମୋର ଆହୁରି ଅନେକ କିଛି ଶିଖିବାର ଅଛି ବୋଲି କହନ୍ତି ଶାଶ୍ୱତ। ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି ଏହି ପ୍ରତିଭା।

⁕ **ସାଇମା ପଣ୍ଡା :** ନୃତ୍ୟ, ଗୀତ, ଚିତ୍ରାଙ୍କନ ଏବଂ ଅଭିନୟରେ ରୁଚି ରଖିଥିବା ଭୁବନେଶ୍ୱରର ସାଇମା ପଣ୍ଡା ଏଯାବତ୍ ୧୦ଟି ଭଜନ ଆଲବମ୍‌ରେ ଅଭିନୟ କରିସାରିଛନ୍ତି। ଭୁବନେଶ୍ୱରର ଚିନ୍ତାମଣିଶ୍ୱରରେ ଥିବା ଶାରଳା ଡ୍ୟାନ୍ସ ଗ୍ରୁପ୍‌ରେ ସେ ବର୍ତ୍ତମାନ ମଡର୍ନ ଡ୍ୟାନ୍ସ ଶିଖୁଛନ୍ତି। ବାପା ଓ ମାଆଙ୍କ ପ୍ରେରଣା ଯୋଗୁ କୃତିତ୍ୱ ଲାଭ କରିଥିବା କଥା କହୁଥିବା ସାଇମା ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ।

⁕ **ସାହିଲ ମିଶ୍ର:** ପିଆନୋ ବଜାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହାଇଦ୍ରାବାଦର ସାହିଲ ମିଶ୍ର ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱରରେ ଜନ୍ମିତ ସାହିଲ କେବଳ ପିଆନୋ ବଜାଇବାରେ ଦକ୍ଷ ତା' ନୁହେଁ, ସେ ଜଣେ ଦକ୍ଷ କ୍ରିକେଟ, ଚେସ୍ ଏବଂ ବାସ୍କେଟବଲ ଖେଳାଳି। ଆବାକସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ନିଜର ବୁଦ୍ଧିମତାର ପରିଚୟ ମଧ୍ୟ ଦେଇଛନ୍ତି। ପିଲାମାନଙ୍କ ସହ ମିଶି ସେମାନଙ୍କ ସହ ବନ୍ଧୁତା ସୃଷ୍ଟି କରିବା ତାଙ୍କର ଆଉ ଏକ ଅଭ୍ୟାସ। ଅବସର ମିଳିଲେ ସେ ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ ପିଆନୋ ବାଦନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛନ୍ତି।

⁕ **ସୌମ୍ୟାଶ୍ରୀ ମିଶ୍ର:** ଜଣେ ମେଧାବୀ ଛାତ୍ରୀ ଭାବେ ବିଦ୍ୟାଳୟରେ ନାଁ କରିବା ସହ ଓଡିଶୀ ନୃତ୍ୟରେ ମଧ୍ୟ ଦକ୍ଷତା ହାସଲ କରି ଅନେକ ପୁରସ୍କାର ଲାଭ କରିଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଅଞ୍ଚଳର ସୌମ୍ୟାଶ୍ରୀ ମିଶ୍ର। ଅଦ୍ୟାବଧି ବିଭିନ୍ନ ସ୍ଥାନରେ ଶହେରୁ ଊର୍ଦ୍ଧ୍ୱ ଷ୍ଟେଜ ଶୋ, ୨୦ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ୨ଟି ଭଜନ ଆଲବମରେ ମଧ ଅଭିନୟ କରିଛନ୍ତି। ଏହାବ୍ୟତୀତ ମେଧାବୀ ସୌମ୍ୟାଶ୍ରୀ ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇବା ସହିତ ନବୋଦୟ ଓ ଷଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ପରୀକ୍ଷାରେ ମଧ କୃତିତ୍ୱ ହାସଲ କରିଥିଲେ।

⁕ **ଭୂପେଶ ପଣ୍ଡା:** ଅଭିନୟରେ ରୁଚି ରଖିଥିବା ଭୁବନେଶ୍ୱରର ଭୂପେଶ ପଣ୍ଡାଙ୍କୁ ଖୁବ୍ ଶୀଘ୍ର ଦେଖିବାକୁ ମିଳିବ ହୋମ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ସୁନା ଚଢ଼େଇ'ରେ ଶିଶୁ କଳାକାର ଭାବରେ। ଅବସର ମିଳିଲେ ଏହି ପ୍ରତିଭା ଚିତ୍ରାଙ୍କନ କରିବା ସହ ଟିଭିରେ କାର୍ଟୁନ ଦେଖିଥାଆନ୍ତି। ଏହାବ୍ୟତୀତ ସାଧାରଣଜ୍ଞାନ ଶିଖିବାକୁ ସେ ସବୁବେଳେ ଚେଷ୍ଟିତ। ଭବିଷ୍ୟତରେ ଭଲ ପାଠ ପଢ଼ିବା ସହ ଅଭିନୟକୁ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି ଏହି ଶିଶୁ କଳାକାର।

⁕ **ମିଲନ୍ ଧଳ:** ଭବିଷ୍ୟତରେ ଜଣେ ଅଟୋମୋବାଇଲ୍ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୋଡିଡିହର ମିଲନ୍ ଧଳ ସ୍କୁଲ ଏବଂ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନେକ ପୁରସ୍କାର ଲାଭ କରିବା ସହ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ସେ ଚିତ୍ରାଙ୍କନରେ ୧୫୦ରୁ ଊର୍ଦ୍ଧ୍ୱ ପୁରସ୍କାର ହାସଲ କରିସାରିଛନ୍ତି। ପିଲାଟି ଦିନରୁ ତାଙ୍କର ଚିତ୍ର ଆଙ୍କିବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସେ ଏ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଚିତ୍ର ଆଙ୍କିବା ବ୍ୟତୀତ ଡିବେଟ୍‌ରେ ଅଂଶଗ୍ରହଣ କରିବା ଏବଂ ଖେଳ ପ୍ରତି ରୁଚି ରଖନ୍ତି ସେ। ଆଉ ଅବସର ସମୟ ପାଇଲେ କବିତା ମଧ ଲେଖିଥାଆନ୍ତି।


ଶାଶ୍ୱତ


ସାଇମା


ସାହିଲ


ଅନ୍ୱେଷା


କିଟି


ଓମ୍


ଆୟୁଷ


ସୌମ୍ୟାଶ୍ରୀ


ଭୂପେଶ


ମିଲନ୍


ଅର୍ଣ୍ଣବ


ଆରାଧ୍ୟା


ଅନୁଷ୍କା

# କବିତା


## ଆସ ଆସ ନୂଆ ବରଷ



ଆସ ଆସ ନୂଆ ବରଷ
କରୁ ସ୍ୱାଗତ ଆମେ,
ଗତ ବରଷର କଷଣ
କେବେ ନ ଆଣ ତୁମେ।
ମରୁଡିର ଭୟ ନ ଥାଉ
ପୁଣି ବାଆ-ପବନ,
ଦଙ୍ଗା-ଦୁର୍ଘଟଣା ନ ଥାଇ
ତୁମେ କର ଶାସନ।
ସତ୍ୟ ଆଉ ଶାନ୍ତି ବାରତା
ଦିଅ ଆମରି କାନେ,
ପ୍ରଗତି ପଥରେ ଦେଶକୁ
ନିଅ ତୁମ ଶାସନେ।
କୁନୀତି, ଅନୀତି, ଅଶିକ୍ଷା
ନିଅ ପୂରା ହଟାଇ,
ଫୁଲ-ଫଳ ଭରି ମହୀରେ
ଦିଅ ଅବା ହସାଇ।
ନୂଆ-ନୂଆ ଚିନ୍ତା-ଚେତନା
ଭର ହୃଦୟେ ଆମ,
ବରଷଟା କଟୁ ଆନନ୍ଦେ
ଜପି ଈଶ୍ୱର ନାମ।

– ପ୍ରଦୀପ୍ତ କୁମାର ଆଚାର୍ଯ୍ୟ
କୋଠି, କୁଜଙ୍ଗ, ଜଗତ୍‌ସିଂହପୁର


## ନୂଆ ବରଷ



ମୟୂରଟିଏ ପାହାଡ଼ପରେ
ପୁଛକୁ ଟେକି ନାଚିଲା
ପିଲା ଦେଖି ଭାବିଲେ ଆଜି
ନୂଆ ବରଷ ଆସିଲା।
ଗଛଲତାରେ ରଙ୍ଗବେରଙ୍ଗ
ଫୁଲର ହାର ଝୁଲିଲା
ପିଲାଏ ଦେଖି ଉଠିଲେ ନାଚି
ନୂଆବରଷ ଆସିଲା।
ଘାସ ଫୁଲରେ କାକର ମୋତି
ଝଲକେ ମନମୋହିଲା
ପିଲାଏ ଦେଖି ମାରିଲେ ତାଳି
ନୂଆ ବରଷ ଆସିଲା।
ସକାଳେ ଉଠି ନାଲି ସୂରୁଯ
ଆଲୁଅ ତା'ର ବାଣ୍ଟିଲା
ପିଲାଏ ଦେଖି ହୋଇଲେ ଖୁସି
ନୂଆ ବରଷ ଆସିଲା।
ସଞ୍ଜ ନଇଁଲେ ଚାନ୍ଦ ଜୋଛନା
ଧରଣୀ ପରେ ଖସିଲା
ପିଲାଏ ଦେଖି କହିଲେ ଆଜି
ନୂଆ ବରଷ ଆସିଲା।

– ହଂସନାଥ ମୁଦୁଲି
ଡୁମୁଡୁମା, ଖଣ୍ଡଗିରି
ଭୁବନେଶ୍ୱର

# କହିଲ ଦେଖି



ଫୁଲତରକାରି
ପତରଶାଗ
କଅଁଳିଆ ଡଙ୍କ
ଲାଗଇ ବାଗ।
ଲତା ଗଛ ତା'ର
ବଡ ଫଳଟି
ରାନ୍ଧି ଦେଲେ ତାକୁ
ସୁଆଦ ଅତି।
ଉ- ବୋଇତାଳୁ



ଦେହଟି ତା'ର ଲୁହାରେ ଗଢା,
ଅଟଇ ସିଏ ତେଢା,
କୃଷକ ପାଇଁ ସେହି ଦ୍ରବ୍ୟଟି
ଅଟେ ନିହାତି ଲୋଡା।
ରହିଛିତା'ର ଦାଢ ଅନେକ
ଚୋବେଇ ଥୁକି ଦିଏ,
କୃଷକ ଭାଇ ଖୁସି ମନରେ
ଘରକୁ ବୋହି ନିଏ।

ଉ- ଦାଆ



ରଙ୍ଗ ବେରଙ୍ଗ ରୂପଟି ତା'ର,
ପବନକୁ ସିଏ କରେ ଆହାର,
ଅଧିକ ଖାଇଲେ ଯାଏ ସେ ଫାଟି,
କିଏସେ ପାରିବକହି ତା'ର ନାମଟି।

ଉ-ବେଲୁନ୍

–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

# ଏଥରର ପ୍ରଶ୍ନ ?

- ଆନ୍ଧ୍ର ପ୍ରଦେଶ ଏବଂ କର୍ନାଟକର ନବବର୍ଷକୁ କ'ଣ କୁହାଯାଏ ?
- ମହାରାଷ୍ଟ୍ରର ନବବର୍ଷ କେଉଁ ନାମରେ ଖ୍ୟାତ ?
- ଓଡିଆ ନବବର୍ଷକୁ କ'ଣ କୁହାଯାଏ ?
- ତାମିଲନାଡୁ ନବବର୍ଷକୁ କ'ଣ କୁହାଯାଏ ?
- କେରଳ ନବବର୍ଷ କେଉଁ ନାମରେ ଖ୍ୟାତ ?
- ଗୁଜରାଟୀ ନବବର୍ଷକୁ କ'ଣ କୁହାଯାଏ ?


# ଆର ଥରର ଉତ୍ତର


* ବାଇବେଲ
* ଡିସେମ୍ବର ୨୫
* ବେଥେଲହେମ
* ମଦର ମେରୀ
* ସାନ୍ତାକ୍ଲଜ୍

## {ଆସ ଚିହ୍ନିବା}

୧. ପେଷା
୨. ଢିଙ୍କି
୩. ଘୋରଣା
୪. ଶିଳପୁଆ

# ପାର୍ଥକ୍ୟ ଦର୍ଶାଅ






# ତୁମ ପଢ଼ିବା ପାଇଁ

ଖେଳୁ ଖେଳୁ ଶିଖିଗଲି: କବିତା ସଂକଳନ 'ଖେଳୁ ଖେଳୁ ଶିଖିଗଲି'ରେ ରହିଛି ମାମୁଁଘର ମୁଆଁ, ଧର୍ମ, ଶୀତରାଣୀ, ଆମ ଓଡିଶା, ଅଜା ବାହାରିଲେ ବଜାର ବୁଲି, କିଏ ବଡ କିଏ ସାନ ପରି ରହିଛି କେତୋଟି ଶିକ୍ଷଣୀୟ କବିତା। ଚନ୍ଦ୍ରଶେଖରଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୨୫ଟଙ୍କା।


ଯୋଗାଯୋଗ-ତମପୁର,
ବେରବୋଇ, ଡେଲାଙ୍ଗ ଷ୍ଟେସନ୍
ବଜାର, ପୁରୀ

# ତୁମ ତୂଳୀରୁ






୧



୩



୨



୪




୫



୬

୧



**ଗୁରୁପ୍ରସାଦ ବେହେରା**
କ୍ଲାସ- ୫,
ସେଣ୍ଟ ଜାଭିୟର ହାଇସ୍କୁଲ,
ଭୁବନେଶ୍ୱର

୨



**ରମୟ ରଞ୍ଜନ ସାହୁ**
କ୍ଲାସ- ୧୦, ମନୋଜ
ମଞ୍ଜରୀ ଶିଶୁ ଭବନ,
କେନ୍ଦୁଝର

୩



**ଅନାହିତା ପାତ୍ର**
କ୍ଲାସ- ୫, ଡିଏଭି
ପବ୍ଲିକ ସ୍କୁଲ,
ଜୟପୁର,
କୋରାପୁଟ

୪



**ନଚିକେତା ପଣ୍ଡା**
କ୍ଲାସ- ୮, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
କେଶବଧାମ,
ଗତିରାଉତପାଟଣା, କଟକ

୫



**ସ୍ୱୟଂଶ୍ରୀ ରଥ**
କ୍ଲାସ-୫, ଶ୍ରୀ ସତ୍ୟସାଇ
ବିଦ୍ୟାବିହାର, ଲଣ୍ଡେଇ
ସାହି, ଭଞ୍ଜନଗର,
ଗଞ୍ଜାମ

୬



**ସାଇ ସୋହମ ପ୍ରଧାନ**
କ୍ଲାସ- ୫, ମିଲିଟାରୀ
ଇଂଲିଶ ମିଡିୟମ୍ ସ୍କୁଲ,
ସାକ୍ଷୀଗୋପାଳ ,
ପୁରୀ

# ନୂଆବର୍ଷ

## କେଉଁଠି କେମିତି

**ନୂଆବର୍ଷ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଥାଏ ଏକ ନୂତନ ଆନନ୍ଦ ଏବଂ ଉତ୍ସାହ। ବିଭିନ୍ନ ଦେଶରେ ଏହି ଉତ୍ସବ ପାଳନ କରିବାର ପୃଥକ ସମୟ ତଥା ଭିନ୍ନଭିନ୍ନ ପ୍ରଥା ରହିଛି। ତେବେ ନୂଆ ବର୍ଷ କେଉଁଠାରେ କିଭଳି ଭାବେ ପାଳନ କରାଯାଏ ସେ ସମ୍ପର୍କରେ କିଞ୍ଚିତ୍ କଥା....**



- ଶ୍ରୀଲଙ୍କାର ସିଂହଳୀ ଏବଂ ତାମିଲମାନେ ଏପ୍ରିଲ ୧୩ ଏବଂ ୧୪ ତାରିଖରେ ନୂଆ ବର୍ଷ ପାଳନ କରିଥାନ୍ତି। ଏଠାରେ ଉକ୍ତ ଦିନରେ ପ୍ରତି ଘରେ ମାଟିପାତ୍ରରେ କ୍ଷୀର ଫୁଟେଇବାର ପ୍ରଥା ରହିଛି। ଏହା ଦ୍ୱାରା ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ରହିଛି ବିଶ୍ୱାସ। ଏହାବ୍ୟତୀତ ଏହି ଅବସରରେ ଚାଉଳ ଏବଂ ନଡିଆ ତେଲରେ ଏକ ପ୍ରକାର ପାରମ୍ପରିକ ମିଠା ମଧ୍ୟ ପ୍ରସ୍ତୁତ କରାଯାଇଥାଏ।



- କାମ୍ବୋଡିଆର ଅଧିବାସୀ ଏପ୍ରିଲ ୧୩ ରୁ ୧୫ ତାରିଖ ତିନି ଦିନବ୍ୟାପୀ ନବବର୍ଷ ପାଳନ କରିଥାନ୍ତି। ଏହି ତିନିଦିନକୁ ଏଠାରେ ବିଶୋଧନ ଉତ୍ସବ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଲୋକେ ମନ୍ଦିର ଯିବା ସହ ପରିବାର ସଦସ୍ୟଙ୍କ ସହ ପାରମ୍ପରିକ ଖେଳ ଖେଳିବାର ପ୍ରଥା ରହିଛି।



- ଚାଇନାରେ ପ୍ରତିବର୍ଷ ଜାନୁୟାରୀ ୨୧ ତାରିଖରୁ ଫେବୃୟାରୀ ୨୦ ତାରିଖ ମଧ୍ୟରେ ନୂଆବର୍ଷ ପଡିଥାଏ। ଏହି ସମୟରେ ଏଠାରେ ଘରକୁ ପରିଷ୍କାରକରି ବିଭିନ୍ନ ଡେକୋରେଟିଭ ସାମଗ୍ରୀ ଦ୍ୱାରା ଘରକୁ ସଜାଯାଇଥାଏ। ଏହି ଅବସରରେ ଏଠାରେ ଚାଉଳରେ ଏକ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ଏଥିସହିତ ଲୋକେ ଡ୍ରାଗନ୍ ନୃତ୍ୟର ମଜା ନେଇଥାନ୍ତି।

- ଇଥିଓପିଆରେ ସେପ୍ଟେମ୍ବର ୧୧ କିମ୍ବା ୧୨ ତାରିଖରେ ନୂଆବର୍ଷ ପାଳନ କରାଯାଇଥାଏ। ଏହି ଦିନ ଏଠାକାର ମହିଳାମାନେ ପରସ୍ପରକୁ ହଳଦିଆ ରଙ୍ଗର ଫୁଲତୋଡା ଦେଇ ଅଭିନନ୍ଦନ ଜଣେଇଥାନ୍ତି। ସୁସ୍ୱାଦୁ ଖାଦ୍ୟ ପାନୀୟ ସହ ବେଶ୍ ଉତ୍ସାହର ସହ ଏଠାରେ ନୂଆବର୍ଷ ପାଳନ କରାଯାଇଥାଏ।



- ସିରିଆ ଏବଂ ତୁର୍କୀରେ ଏପ୍ରିଲ ୧ ତାରିଖ ଦିନ ନୂଆବର୍ଷ ପାଳନ କରାଯାଇଥାଏ। ଏଠାରେ ଲୋକମାନେ ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟଗୀତ ମାଧ୍ୟମରେ ଉତ୍ସବ ମନେଇଥାନ୍ତି। ଏହି ଦିନ ସିରିଆର ମହିଳାମାନେ ଫୁଲ ଏବଂ ଚେରମୂଳୀ ସଂଗ୍ରହ କରିବାର ପ୍ରଥା ରହିଛି।



- ରୁଷିଆରେ ଜାନୁୟାରୀ ୧ ତାରିଖ ଦିନ ନୂଆ ବର୍ଷ ପାଳନ କରାଯାଇଥାଏ। ଏହିଦିନ ପରିବାରର ସମସ୍ତ ସଦସ୍ୟ ରାତିତମାମ ଖାଦ୍ୟପାନୀୟରେ ମସଗୁଲ ରହି ଉତ୍ସବ ମନେଇଥାନ୍ତି। ଏହି ଦିନ ଡେଡ୍ ମୋରୋଜ ନାମକ ଜଣେ ବୃଦ୍ଧବ୍ୟକ୍ତି ତାଙ୍କ ନାତୁଣୀଙ୍କ ସହ ରାତିରେ ଆସି ପିଲାମାନଙ୍କ ପାଇଁ ଉପହାର ଦେଇଯା'ନ୍ତି ବୋଲି ବିଶ୍ୱାସ ରହିଛି।

- ଇରାନର ଅଧିବାସୀମାନେ ମାର୍ଚ୍ଚ ୨୦ ତାରିଖରେ ନବବର୍ଷ ପାଳନ କରିଥାନ୍ତି। ଏହିଦିନ ଘରେ ଟେବୁଲ ଉପରେ 'S' ଅକ୍ଷରରୁ ଆରମ୍ଭ ହେଉଥିବା ୭ଟି ଫଳ ବା ମସଲା ଦ୍ରବ୍ୟକୁ ସଜାଡି ରଖିବାର ପ୍ରଥା ରହିଛି। ଯାହା ସୂର୍ଯ୍ୟୋଦୟ, ପ୍ରେମ ଓ ଭଲପାଇବାର ପ୍ରତୀକ ବହନ କରିଥାଏ। ଏହା ବ୍ୟତୀତ ଖାଇବା ଟେବୁଲ ଉପରେ ଦର୍ପଣ ରଖିବାର ଏକ ନିଆରା ପରମ୍ପରା ମଧ୍ୟ ଏଠାରେ ଦେଖିବାକୁ ମିଳେ।

- ମାର୍ଚ୍ଚ ଶେଷ ବେଳକୁ ଇଣ୍ଡୋନେସିଆରେ ଏକ ନିଆରା ଢଙ୍ଗରେ ନବବର୍ଷ ପାଳନ କରାଯାଇଥାଏ। ଏହିଦିନ ଇଣ୍ଡୋନେସିଆବାସୀ ବିନା କୌଣସି ମନୋରଞ୍ଜନରେ ଏକାନ୍ତଭାବେ ଏହି ଉତ୍ସବକୁ ପାଳନ କରିଥାନ୍ତି। ଧ୍ୟାନ, ଏକାଗ୍ରତାର ସହ ଉପବାସ କରି ସମ୍ପୂର୍ଣ୍ଣ ଦିନଟିକୁ ଅତିବାହିତ କରିଥାନ୍ତି।





- କୋରିଆରେ ଜାନୁୟାରୀ କିମ୍ବା ଫେବୃୟାରୀ ମାସରେ ନୂଆବର୍ଷ ପାଳନ କରାଯାଇଥାଏ। ଏହି ଦିନ କୋରିଆବାସୀ ପାରମ୍ପରିକ ପୋଷାକ ପରିଧାନ କରି 'ବୋଷିଙ୍ଗାକ' ନାମକ ଏକ ଘଣ୍ଟି ବଜେଇଥାନ୍ତି। ୧୩୯୬ ମସିହାରେ ନିର୍ମାଣ କରାଯାଇଥିବା ଏହି ଘଣ୍ଟିକୁ କେବଳ ନୂଆବର୍ଷରେ ବଜେଇବାର ପ୍ରଥା ରହିଛି।

- ଏପ୍ରିଲ ୧୩ ରୁ ୧୫ ତାରିଖ ଯାଏଁ ଥାଇଲାଣ୍ଡରେ ନବବର୍ଷ ପାଳନ କରାଯାଇଥାଏ। ଏହି ଦିନ ପରିବାରର ସାନ ସଦସ୍ୟମାନେ ବଡମାନଙ୍କ ଉପରେ ପାଣି ଢାଳିବାର ପରମ୍ପରା ରହିଛି। ଏହା ସେମାନଙ୍କ ପ୍ରତି ଥିବା ସମ୍ମାନର ପ୍ରତୀକ ବହନ କରେ। ଏହାବ୍ୟତୀତ ଲୋକେ ଭଗବାନ ବୁଦ୍ଧଙ୍କ ମୂର୍ତ୍ତିରେ ପାଣିଢାଳି ଆଶୀର୍ବାଦ କାମନା କରିଥାନ୍ତି।

- ଭିଏତନାମରେ ଜାନୁୟାରୀ କିମ୍ବା ଫେବୃୟାରୀ ମାସରେ ନବବର୍ଷ ପାଳନ କରାଯାଇଥାଏ। ଏଠାକାର ଅଧିବାସୀମାନେ ସପ୍ତାହବ୍ୟାପୀ ସୁଗନ୍ଧିତ ଧୂପ ଜାଳି, ସୁସ୍ୱାଦୁ ଖାଦ୍ୟ ପରଷି ପୂର୍ବପୁରୁଷଙ୍କୁ ସ୍ମରଣ କରିଥାନ୍ତି। ଏହି ଦିନ ବଡମାନେ ଘରର ସାନପିଲାଙ୍କୁ ନାଲି ଲଫାପାରେ କିଛି ଟଙ୍କା ରଖି ଉପହାର ଦେବାର ପ୍ରଥା ରହିଛି।